# ଜାତୀୟ ତମାଖୁ ନିୟନ୍ତ୍ରଣ କାର୍ଯ୍ୟକ୍ରମ ସଂପର୍କରେ ଆନ୍ତଃ ବିଭାଗ ସମ୍ମନ୍ୱୟ ବୈଠକ

ଭୁବନେଶ୍ୱର,୨ ୯।୫ –

ତମାଖୁ ସେବନ ଆମ ରାଜ୍ୟ ତଥା ଦେଶ ପାଇଁ ସାଂଘାତିକ ମହାମାରୀ ରୂପେ ଉଭା ହୋଇଛି । ତମାଖୁ ସେବନ ଦ୍ୱାରା ବିଭିନ୍ନ ପ୍ରକାର କର୍କଟ ରୋଗ ଏବଂ ଅନେକ ଦୂରାରୋଗ୍ୟ ବ୍ୟାଧି ଜାତ ହୋଇଥାଏ । ଏହା ଦ୍ୱାରା ଲୋକମାନଙ୍କର ଆର୍ଥିକ ପରିସ୍ଥିତି ମଧ୍ୟ ଦୁର୍ବଳ ହୋଇଥାଏ । ତମାଖୁ ସେବନ ହେତୁ ଆମ ଦେଶରେ ପ୍ରତିଦିନ ପ୍ରାୟ ୨୨୦୦ ରୁ ଅଧିକ ଲୋକ ମୃତ୍ୟୁ ବରଣ କରୁଛନ୍ତି । ବର୍ଷକୁ ପାଖାପାଖି ୮ ଲକ୍ଷ ଭାରତୀୟ ତମାଖୁ ଜନିତ ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁର ଶିକାର ହୋଇଥାଆନ୍ତି ଯାହାକି ଏଡସ୍ , ଟି.ବି ଏବଂ ମ୍ୟାଲେରିଆର ମିଳିତ ମୃତ୍ୟୁ ଠାରୁ ଅଧିକ । କର୍କଟ ରୋଗରେ ମୃତ୍ୟୁ ବରଣ କରୁଥିବା ଶତକଡା ୪୦ ଭାଗ ରୋଗୀ ତମାଖୁ ସେବନ କରିଥାଆନ୍ତି ଏବଂ ଶତକଡା ୧୫ ଭାଗ ଲୋକ ମୁଖଗହ୍ୱର କର୍କଟ ରୋଗ ତମାଖୁ ସେବନ ଜନିତ ଅଟେ । ତମାଖୁ ସେବନ ମଧ୍ୟ ପକ୍ଷାଘାତ , ହୃଦ୍‌ଘାତ , ଫୁସ୍‌ଫୁସ୍ ଜନିତ ରୋଗ ଏବଂ କର୍କଟ ଆଦି ସାଂଘାତିକ ଓ ଭୟାବହ ରୋଗମାନଙ୍କର କାରଣ ଅଟେ ।

ତମାଖୁ ସେବନର ଏହି ସବୁ ଭୟାବହତାକୁ ଦୃଷ୍ଟିରେ ରଖି ଆମ ଦେଶରେ ତମାଖୁ ନିୟନ୍ତ୍ରଣ କାର୍ଯ୍ୟକ୍ରମ ୨୦୧୦ ମସିହାରୁ ପ୍ରଚଳନ କରାଯାଇଛି । ତମାଖୁ ବ୍ୟବହାରର ବହୁଳତାକୁ ଉପଲବ୍ଧ କରି ସିଗାରେଟ ଏବଂ ଅନ୍ୟାନ୍ୟ ତମାଖୁ ଜାତୀୟ ଅଧିନିୟମ ଜାରି କରାଯାଇଛି । ଏହି ନିୟମ ଅନ୍ତର୍ଗତ ଧାରା – ୪ ଅନୁଯାୟୀ ସର୍ବସାଧାରଣ ସ୍ଥାନ ମାନଙ୍କରେ ଧୂମ୍ରପାନକୁ ନିଷେଧ କରାଯାଇଛି । ଏହି ନିୟମ ଉଲଘଂନକାରୀଙ୍କୁ ଜୋରିମାନା ବ୍ୟବସ୍ଥା କରାଯାଇଛି । ତଥାପି ଅନେକ ଲୋକ ତମାଖୁ ବ୍ୟବହାର କରୁଛନ୍ତି । ଏକ ସର୍ବେକ୍ଷଣ ଅନୁଯାୟୀ ଓଡିଶାରେ ପ୍ରାୟ ୪୬ ପ୍ରତିଶତ ତମାଖୁ ସେବନ କରୁଥିବା ବେଳେ ୧୦ ପ୍ରତିଶତ ଧୂମ୍ରପାନ ଏବଂ ୪୩ ପ୍ରତିଶତ ଧୂମ୍ର ବିହୀନ ତମାଖୁ ସେବନ କରୁଛନ୍ତି । ୫୬ ପ୍ରତିଶତ ପୁରୁଷ ଏବଂ ୩୬ ପ୍ରତିଶତ ମହିଳା ବିଭିନ୍ନ ପ୍ରକାର ତମାଖୁ ସେବନ କରି ଥାଆନ୍ତି । ରାଜ୍ୟର ସହରାଞ୍ଚଳରେ ୩୮ ପ୍ରତିଶତ ଏବଂ ଗ୍ରାମାଞ୍ଚଳରେ ୪୮ ପ୍ରତିଶତ ଲୋକ ତମାଖୁ ବ୍ୟବହାର କରିଥିବା ସର୍ବେକ୍ଷଣରୁ ପ୍ରକାଶ । ଏହାକୁ ରୋକିବା ପାଇଁ ରାଜ୍ୟ ସରକାର ତମାଖୁ ନିୟନ୍ତ୍ରଣ କାର୍ଯ୍ୟକ୍ରମ କାର୍ଯକାରୀ କରିଛନ୍ତି ।

ଏହି କାର୍ଯ୍ୟକ୍ରମକୁ ଅଧିକ ଲୋକାଭିମୁଖୀ ଓ କଡାକଡି କରିବା ନିମନ୍ତେ ଆଜି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପ୍ରମୁଖ ସଚିବ ପ୍ରଦୀପ୍ତ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଏକ ଆନ୍ତଃ ବିଭାଗ ସମ୍ମନ୍ୱୟ କମିଟି ବୈଠକ ଅନୁଷ୍ଠିତ ହୋଇଥିଲା । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଉକ୍ତ ବୈଠକରେ ଅବକାରୀ ବିଭାଗ ପ୍ରମୁଖ ସଚିବ ଏସ୍.ପି ଠାକୁରଙ୍କ ସମେତ ନଗର ଉନ୍ନୟନ ବିଭାଗ , ଗୃହ ବିଭାଗ , ଉଚ୍ଚଶିକ୍ଷା ବିଭାଗ , ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ , ବାଣିଜ୍ୟ ଓ ପରିବହନ ବିଭାଗ ଏବଂ ଅର୍ଥ (ବାଣିଜ୍ୟକର) ବିଭାଗର ବରିଷ୍ଠ ପଦାଧିକାରୀ , ସ୍ୱାସ୍ଥ୍ୟସେବା ନିର୍ଦ୍ଦେଶକ ଏବଂ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଏବଂ ଅନ୍ୟାନ୍ୟ ବିଭାଗୀୟ ପଦାଧିକାରୀ ମାନେ ଯୋଗ ଦେଇ ଥିଲେ । ରାଜ୍ୟ ସରକାର ତମାଖୁ ଏବଂ ନିକୋଟିନ୍ ଯୁକ୍ତ ପାନମସଲା ପ୍ରସ୍ତୁତି ଏବଂ ବିକ୍ରୟ ଉପରେ ଲଗାଇଥିବା ପ୍ରତିବନ୍ଧକ ଏବଂ ଏହି ସଂକ୍ରାନ୍ତୀୟ ଅଧିନିୟମକୁ କଡାକଡି ଭାବେ ଲାଗୁ କରିବା ନିମନ୍ତେ ବୈଠକରେ ମତ ପ୍ରକାଶ ପାଇଛି । ଏ ନେଇ ସରକାରୀ ବିଜ୍ଞପ୍ତି ଏବଂ ମାର୍ଗଦର୍ଶୀ ଆଦିକୁ ସ୍ୱାସ୍ଥ୍ୟ ବିଭାଗ ତରଫରୁ ପୁନର୍ବାର ସଂପୃକ୍ତ ବିଭାଗ ମାନଙ୍କୁ ଅବଗତ କରାଯାଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଅନୁରୋଧ କରାଯିବ । ତମାଖୁ ସେବନର ଭୟାବହତା ସଂପର୍କରେ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ମଧ୍ୟ ଗ୍ରହଣ କରାଯିବ ।

..........

ପ୍ରଭାକର ସାହୁ